Article published in: The Prameya
03.05.2023, Page 21, Bhubaneswar Edition

ପ୍ରମେୟ
THE PRAMEYA

# ଦ ରୟାଲ ସୋସାଇଟି ଅଫ୍ କେମେଷ୍ଟ୍ରିର ଫେଲୋ ନାଇଜର ପ୍ରଫେସର

ଜଟଣୀ, ୨।୫(ଆପ୍ର): ଜଟଣୀସ୍ଥିତ ନାଇଜରରେ ସ୍କୁଲ ଅଫ୍ କେମିକାଲ୍ସ ସାଇନ୍ସର ଆସୋସିଏଟ୍ ପ୍ରଫେସର ରସାୟନ ବିଜ୍ଞାନୀ ଡ. ହିମାଂଶୁ ବିଶ୍ୱାଳ ଲଣ୍ଡନସ୍ଥିତ ସମ୍ମାନଜନକ ଦ ରୟାଲ ସୋସାଇଟି ଅଫ୍ କେମେଷ୍ଟ୍ରିର ଫେଲୋ ଭାବେ ସ୍ଥାନ ପାଇଛନ୍ତି । ଡ. ବିଶ୍ୱାଳ ଉତ୍କଳ ବିଶ୍ୱବିଦ୍ୟାଳୟରୁ ରସାୟନ ବିଜ୍ଞାନରେ ସ୍ନାତକୋତ୍ତର କରିବା ପରେ ମୁମ୍ବାଇ ଟାଟା ଇନ୍‌ଷ୍ଟିଚ୍ୟୁଟ୍ ଫଣ୍ଡାମେଣ୍ଟାଲ ରିସର୍ଚ୍ଚରୁ ପିଏଚ୍‌ଡି କରିଛନ୍ତି । ଯାଜପୁର ଜିଲ୍ଲା ବରୀ ବ୍ଲକ ଅନ୍ତର୍ଗତ ରମ୍ଭା ଗ୍ରାମରେ ତାଙ୍କ ଘର । ପିତା ହୃଷିକେଶ ବିଶ୍ୱାଳ ଓ ମାତା ସୁଷମା ବିଶ୍ୱାଳଙ୍କ ଠାରୁ ଜନ୍ମିତ ଡ. ବିଶ୍ୱାଳ ଆମେରିକା, ଫ୍ରାନ୍ସରୁ ଉଚ୍ଚତର ଗବେଷଣା କରି ୨୦୧୨ ମସିହାରେ ନାଇଜରରେ ଯୋଗଦେଇ



ରସାୟନ ବିଜ୍ଞାନରେ ଶିକ୍ଷାଦାନ କରିଆସୁଛନ୍ତି । ଜାତୀୟ ଓ ଅନ୍ତର୍ଜାତୀୟ ଖ୍ୟାତନାମା ଜର୍ଣ୍ଣାଲରେ ତାଙ୍କ ସନ୍ଦର୍ଭ ପ୍ରକାଶ ପାଇଆସୁଛି ।

SCAN ME